# NATIONAL NEWS BULLETIN (ODIA)

**28 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ନିଗମବୋଧ ଘାଟରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଶେଷକୃତ୍ୟ ସଂପନ୍ନ

–ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଲୋକସଭା ବାଚସ୍ପତି

- କୋଇଲା ଉତ୍ପାଦନରେ ୨୦୨୩-୨୪ ବର୍ଷରେ ୧୧ଦଶମିକ ୭/୧ ପ୍ରତିଶତ ବୃଦ୍ଧି ସୂଚନା

– ଚଳିତ ଆର୍ଥିକ ବର୍ଷରେ ୮୮ଟି ଖଣିଜ ବ୍ଲକ ନିଲାମ କାର୍ଯ୍ୟ ଶେଷ

- ମନ୍ କି ବାତ୍‌ର ୧୧୭ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ୩୫୮ ରନ୍ ସ୍କୋର କରିଛି ଭାରତ ।

---

## ମନମୋହନ-ଲାଷ୍ଟ ରାଇଟ୍‌ସ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଶେଷକୃତ୍ୟ ନୂଆଦିଲ୍ଲୀର ନିଗମବୋଧ ଘାଟରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂପନ୍ନ ହୋଇଛି । ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ

କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା ଏବଂ ଜଗତପ୍ରକାଶ ନଡ୍ଡା ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅନ୍ୟ ନେତୃବୃନ୍ଦମାନେ ମଧ୍ଯ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ନୌବାହିନୀ ମୁଖ୍ୟ ଆଡମିରାଲ୍ ଦୀନେଶ କେ. ତ୍ରିପାଠୀ, ବାୟୁସେନା ମୁଖ୍ୟ ମାର୍ଶାଲ୍ ଅମରପ୍ରୀତ୍ ସିଂ, ଭୂଟାନ ରାଜା ଜିଗ୍‌ମେ ଖେସର ନାମଗିଲ୍ ଓ୍ୱାଙ୍ଗ୍‌ଚୁକ୍ ଏବଂ ମରିସସ୍‌ର ବୈଦେଶିକ ମନ୍ତ୍ରୀ ଧନଞ୍ଜୟ ରାମଫୁଲ୍’ ଡକ୍ଟର ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅନ୍ତିମ ଯାତ୍ରା ଆଜି ସକାଳୁ କଂଗ୍ରେସର ମୁଖ୍ୟାଳୟରୁ ନିଗମବୋଧ ଘାଟ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲା । ପୂର୍ବରୁ ଦଳୀୟ କର୍ମକର୍ତ୍ତା ଏବଂ ସାଧାରଣ ଜନତାଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କ ପାର୍ଥିବ ଶରୀରକୁ  ଗତକାଲିଠାରୁ କଂଗ୍ରେସ ପାର୍ଟି ମୁଖ୍ୟାଳୟରେ ରଖାଯାଇଥିଲା । ଗତ ୨୬ ତାରିଖରେ ୯୨ ବର୍ଷ ବୟସରେ ଡକ୍ଟର ସିଂଙ୍କର ନୂଆଦିଲ୍ଲୀ ଏମ୍‌ସରେ ପରଲୋକ ଘଟିଥିଲା ।

## ଚେଞ୍ଜ ଅଫ୍ ଗାର୍ଡ ସେରିମନି

ରାଷ୍ଟ୍ରୀୟ ଶୋକ ପାଳନ ଯୋଗୁଁ ଆଜି ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଗାର୍ଡ ପରିବର୍ତ୍ତନ ସମାରୋହ ଅନୁଷ୍ଠିତ ହେବନାହିଁ । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗାର୍ଡ ପରିବର୍ତ୍ତନ

ସମାରୋହ ହେଉଛି ଏକ ସମ୍ମାନଜନକ ସାମରିକ ପରମ୍ପରା, ଯେଉଁଥିରେ ରାଜପ୍ରାସାଦ, ଦୁର୍ଗ ଏବଂ ପ୍ରତିରକ୍ଷା ପ୍ରତିଷ୍ଠାନର ନିୟମିତ ଭାବରେ ଗାର୍ଡ ଏବଂ ସେଣ୍ଟ୍ରିଙ୍କର ଅଦଳବଦଳ କରାଯାଇଥାଏ ।

# କୋଲ୍ ପ୍ରଡକ୍ସନ

୨୦୨୩-୨୪ ବର୍ଷରେ ଭାରତ ୧୧ ଦଶମିକ ୭୧ ପ୍ରତିଶତ ବୃଦ୍ଧି ସହ ସର୍ବାଧିକ କୋଇଲା ଉତ୍ପାଦନ କରିଥିବା ଜଣାପଡ଼ିଛି । ଏହି ପରିମାଣ ୯୯୭ ଦଶମିକ ୮୨୬ ମିଲିୟନ ଟନ୍ ଥିଲା । ୨୦୨୨-୨୩ ବର୍ଷରେ ୮୯୩ ଦଶମିକ ୧୯୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ଚଳିତମାସ ୧୫ ତାରିଖ ସୁଦ୍ଧା ଭାରତ ୯୬୩ ଦଶମିକ ୧/୧ ମେଟ୍ରିକ୍ ଟନ୍ କୋଇଲା ଯୋଗାଣ କରିଛି ।

ଆତ୍ମନିର୍ଭର ଭାରତ ଅଧୀନରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଯୋଗୁଁ ଆସନ୍ତା ୫ ବର୍ଷ ମଧ୍ୟରେ ଘରୋଇ କଞ୍ଚାମାଲ୍ କୋଇଲା ଉତ୍ପାଦନ ୧୪୦ ମେଟ୍ରିକ୍ ଟନରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରଣାଳୟ କହିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ୍ ଘରୋଇ କଞ୍ଚାମାଲ୍ କୋଇଲା ଉତ୍ପାଦନ ୬୬ ଦଶମିକ ୮୨୧ ନିୟୁତ ଟନ୍ ପରିମାଣ ହୋଇଥିବା ଜଣାପଡ଼ିଛି ।

# ମିନେରାଲ୍ ବ୍ଲକ୍ସ

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୪ଟି ପର୍ଯ୍ୟାୟରେ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ ସମେତ ୮୮ଟି ଖଣିଜ ବ୍ଲକର ନିଲାମ କାର୍ଯ୍ୟ

ଶେଷ କରିଛନ୍ତି । ଖଣି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଜାତୀୟ ଖଣିଜ ଅନ୍ୱେଷଣ ଟ୍ରଷ୍ଟ ୬୦୯ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ୧୨୦ଟି ଖଣିଜ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ।  ସୂଚନାଯୋଗ୍ୟ, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଖଣିଜ ଅନ୍ୱେଷଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ୱେବିନାର ଆୟୋଜନ କରାଯାଇଥିଲା । ଏଥିରେ ୧୩ଟି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଥିବା ଖଣିଜ ବ୍ଲକ୍ ଇ-ନିଲାମୀ ପାଇଁ ଚୟନ କରାଯାଇଥିଲା ।

---

## ଏନ୍ଆଇଏ-ସର୍ଚ୍ଚେସ୍

ଛତିଶଗଡ଼ରେ  ଗତବର୍ଷ ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମୟରେ ପୋଲିଂ ପାର୍ଟି ଏବଂ ସୁରକ୍ଷା ଦଳ ଉପରେ ସିପିଆଇ ମାଓବାଦୀ ଆକ୍ରମଣ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ଗତକାଲି କେତେକ ସ୍ଥାନରେ ଚଢ଼ାଉ କରିଛି । ଚଢ଼ାଉ ସମୟରେ ଏନ୍ଆଇଏ ଦେଢ଼ଲକ୍ଷ ଟଙ୍କା ଏବଂ ନକ୍ସଲମାନେ ବ୍ୟବହାର କରୁଥିବା ପ୍ରଚାରପତ୍ର, ପୁସ୍ତିକା, ମୋବାଇଲ୍ ଫୋନ୍, ଡିଜିଟାଲ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସନ୍ଦେହଜନକ ବସ୍ତୁ ଜବତ କରିଛି ।

ଏନ୍ଆଇଏ ପକ୍ଷରୁ ଜାରି ସୂଚନାରେ କୁହାଯାଇଛି, ଏହି ଘଟଣାରେ ସଂପୃକ୍ତ ୧୧ ଜଣଙ୍କ ଗ୍ରାମରେ ଚଢ଼ାଉ କରାଯାଇଥିଲା । ସେହି ଗ୍ରାମଗୁଡ଼ିକ ହେଉଛି ରାୱାଣ୍ଡିଗି, ସିମ୍ରା, ମେନ୍ପୁର, ଘୋରଗାଓଁ, କେରାବହରା ଏବଂ ଗରିଆବନ୍ଦ । ଏନ୍ଆଇଏ କହିଛି ସନ୍ଦିଗ୍ଧମାନେ ନିଷିଦ୍ଧ ସିପିଆଇ-ମାଓବାଦୀ ଆତଙ୍କବାଦୀ ସଂଗଠନର ମେନ୍ପୁର-ନୂଆପଡ଼ା ଡିଭିଜନର କର୍ମୀ ଏବଂ ସମର୍ଥକ ବୋଲି ସନ୍ଦେହ କରାଯାଉଛି ।

ଗତବର୍ଷ ନଭେମ୍ବର ମାସରେ ହୋଇଥିବା ବିଧାନସଭା ନିର୍ବାଚନ ସମୟରେ ମତଦାନ ଦଳ ଏବଂ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣରେ ଆଇ.ଇ.ଡି. ବିସ୍ଫୋରଣ ଘଟିଥିବା ପଛରେ ମେନ୍‌ପୁର-ନୂଆପଡ଼ା ଡିଭିଜନର ହାତ ଥିଲା । ଏହି ବିସ୍ଫୋରଣରେ ଆଇଟିବିପିର ଜଣେ ହେଡ୍ କନେଷ୍ଟବଲଙ୍କ ମୃତ୍ୟୁ ହୋଇଥିଲା ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୧୭ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ବିଜେପି ତ୍ରିବେଦୀ - ମେମୋରିଆଲ୍

ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ମୂଳଦୁଆ ସ୍ଥାପନ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ଓ ଏନ୍‌ଡିଏ ସରକାର

ପ୍ରତିଶ୍ରୁତିବଦ୍ଧ ବୋଲି ବିଜେପି ସାଂସଦ ତଥା ଦଳୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି ।

ଡକ୍ଟର ମନମୋହନ ସିଂଙ୍କ ସ୍ମାରକୀ ନିର୍ମାଣ ପାଇଁ ସ୍ଥାନ ଯୋଗାଇଦେବା ପ୍ରସଙ୍ଗରେ ଶ୍ରୀ ତ୍ରିବେଦୀ କହିଛନ୍ତି ଯେ ଗତକାଲି କ୍ୟାବିନେଟ୍ ବୈଠକରେ ସ୍ମାରକୀ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏ ବିଷୟରେ କଂଗ୍ରେସ ଦଳକୁ ମଧ୍ୟ ଅବଗତ କରାଯାଇଛି ।

ଶ୍ରୀ ତ୍ରିବେଦୀ କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଏ ସଂପର୍କରେ ଅବଗତ କରାଇଛନ୍ତି । ଜମି ଅଧିଗ୍ରହଣ, ଟ୍ରଷ୍ଟ ଗଠନ ଏବଂ ଜମି ହସ୍ତାନ୍ତର ଭଳି ପ୍ରକ୍ରିୟା ଶେଷ ହେବା ପରେ ଏହି କାର୍ଯ୍ୟ ଯଥାଶୀଘ୍ର ଉପଯୁକ୍ତ ଭାବରେ କରାଯିବ । ତେବେ ଏହାକୁ ନେଇ କଂଗ୍ରେସ ରାଜନୀତି କରୁଛି ବୋଲି ସେ କହିଛନ୍ତି ।

## ଇୟର ଏଣ୍ଡର ସୋସିଆଲ୍ ଜଷ୍ଟିସ୍

୨୦୨୪ ମସିହା ଶେଷ ହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାବଳୀ ଉପରେ ଝଲକ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସଂପର୍କରେ ।

ଦେଶରେ ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ଦୃଷ୍ଟିରୁ ପଛୁଆବର୍ଗଙ୍କ ପାଇଁ କେନ୍ଦ୍ର ସରକାର ଅନେକ କଲ୍ୟାଣକାରୀ ଯୋଜନା

କାର୍ଯ୍ୟକାରୀ କରୁଛନ୍ତି । ଚଳିତବର୍ଷ ଅନୁସୂଚିତ ଜାତିର ୧୮ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଦିଆଯାଇଥିବା ବେଳେ ଏଥିପାଇଁ ବିଭାଗ ପକ୍ଷରୁ ୪୩୭ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ୪୧ଲକ୍ଷରୁ ଅଧିକ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ନିମନ୍ତେ ୫ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । **ଶ୍ରେଷ୍ଠ** ଯୋଜନାରେ ୧୪୨ଟି ଘରୋଇ ଆବାସିକ ବିଦ୍ୟାଳୟରେ ନାମଲେଖା ପାଇଁ ୩ ହଜାର ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ୫ ହଜାରରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି । ଏହା ଅଧୀନରେ ୩ ଲକ୍ଷ ହିତାଧିକାରୀଙ୍କ ପାଇଁ ୧ ହଜାର ୬୫୫ଟି ପ୍ରକଳ୍ପ ମଂଜୁର କରାଯାଇଛି ।

ଚଳିତବର୍ଷ ପଛୁଆବର୍ଗଙ୍କ ପାଇଁ ଏକକ ଡିଜିଟାଲ ପ୍ଲାଟଫର୍ମ ଅଧୀନରେ ଆର୍ଥିକ ସଶକ୍ତିକରଣ ପଦକ୍ଷେପକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ପି.ଏମ୍. ସୂରଜ ପୋର୍ଟାଲ୍ ଆରମ୍ଭ କରାଯାଇଛି ।

ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରେ ପି.ଏମ୍. ଦକ୍ଷ ଯୋଜନାରେ ୧୧୨ଟି ତାଲିକାଭୁକ୍ତ ପ୍ରଶିକ୍ଷଣ ଅନୁଷ୍ଠାନ  ମାଧ୍ୟମରେ ୮୦ ହଜାରରୁ ଅଧିକ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ **ନମସ୍ତେ** ଯୋଜନାରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଉନ୍ନତି ନିମନ୍ତେ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

---

# ଆଜ୍‌ମେର ସରିଫ୍ - ଉର୍ସ

ରାଜସ୍ଥାନର ଆଜମେରଠାରେ ସୁଫି ସନ୍ଥ ହଜରତ୍ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କର ୮୧୩ତମ ଉର୍ସ ଉତ୍ସବପାଇଁ ପ୍ରସ୍ତୁତି ଶେଷ ହୋଇଛି । ସଂଖ୍ୟାଲଘୁ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛି, ଆଜି ଆଜ୍‌ମେର'ର ଦରଗା ଖ୍ୱାଜା ସାହେବରେ ଧ୍ୱଜା ଉତ୍ସବ ପାଳନ କରାଯିବ । ଉର୍ସ ହେଉଛି ଜଣେ ସୁଫି ସନ୍ଥଙ୍କର ଶ୍ରାଦ୍ଧବାର୍ଷିକୀ, ଯାହାକି ସେହି ସନ୍ଥଙ୍କ ଦରଗାରେ ପାଳନ କରାଯାଇଥାଏ ।

---

# କ୍ରିକେଟ୍

ମେଲ୍‌ବର୍ଣ୍ଣରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସରେ ୯ ୱିକେଟ୍ ହରାଇ ୩୫୮ ରନ୍ କରିଛି । ଭାରତ ଏବେ ମଧ୍ୟ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୪୭୪ଠାରୁ ୧୧୬ ରନ୍ ପଛରେ ରହିଛି। ଆଜି ଖରାପ ପାଗ ଯୋଗୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖେଳ ସମାପ୍ତ କରାଯାଇଥିଲା । ଭାରତୀୟ ବ୍ୟାଟ୍‌ସମ୍ୟାନ୍ ନୀତିଶ କୁମାର ରେଡ୍ଡୀ ଶତକ କରିଥିଲେ । ଖେଳ ଶେଷ ହେବା ବେଳକୁ ନୀତିଶ ୧୦୫ ଏବଂ ମହମ୍ମଦ ସିରାଜ ୨ ରନ୍ କରି କ୍ରିଜ୍‌ରେ ଥିଲେ ।

ଗତକାଲି ଭାରତ ୫ ୱିକେଟ୍ ହରାଇ ୧୬୪ ରନ୍ ସ୍କୋର କରିଥିଲା । ପୂର୍ବରୁ ଅଷ୍ଟ୍ରେଲିଆ ଖେଳର ଦ୍ୱିତୀୟଦିନ ସୁଦ୍ଧା ପ୍ରଥମ ଇନିଂସରେ ୪୭୪ ରନ୍ ସ୍କୋର କରିଥିଲା । ଏହି ୫ଟିକିଆ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା ବେଳେ ତୃତୀୟ ଟେଷ୍ଟ ମ୍ୟାଚ୍ ଡ୍ର ରହିଥିଲା ।

---